ନିତିଦିନ
NITIDIN

27th Dec, 2020

# ଆଇଆଇଟି ପକ୍ଷରୁ 'ଫିଟ୍ ଇଣ୍ଡିଆ ସାଇକ୍ଲୋଥନ୍'



ଜଟଣୀ,୨୬।୧୨/ଏନ୍ଏନ୍ଏସ୍:ଇଣ୍ଡିଆନ ଇନିଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି (ଆଇଆଇଟି) ଜଟଣୀସ୍ଥିତ ଅରଗୁଳ କ୍ୟାମ୍ପଠାରେ 'ଫିଟ୍ ଇଣ୍ଡିଆ ସାଇକ୍ଲୋଥନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆରଭି ରାଜକୁମାର କାର୍ଯ୍ୟକ୍ରମକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଶ୍ରୀ ରାଜକୁମାର କହିଛନ୍ତି ଯେ, ପ୍ରତ୍ୟକ ନାଗରିକ ଶାରୀରିକ ଓ ମାନସିକ ସୁସ୍ଥତା ଚାହୁଁଥିଲେ ଯୋଗ ନିତ୍ୟାନ୍ତ ଜରୁରୀ। କେବଳ ଶିକ୍ଷାର୍ଥୀ ଏବଂ ବିଦ୍ୟାର୍ଥୀ ନୁହେଁ ଦେଶର ପ୍ରତ୍ୟେକ ବ୍ୟକ୍ତି ଏହାକୁ ଆପଣେଇବା ଆବଶ୍ୟକ। ତେବେ ଯାଇ ଦେଶ ସୁସ୍ଥ ତଥା ଫିଟ୍ ରହିବ। ଏଥିପାଇଁ ଆଇଆଇଟି ସାଇକେଲ ପ୍ରଥାକୁ ପୋଷ୍ୟଭାବେ ଗ୍ରହଣ କରିଛି। ଏହାକୁ ଆମ ଛାତ୍ରଛାତ୍ରୀମାନେ ଆଦର ସହିତ ଗ୍ରହଣ କରିଛନ୍ତି ବୋଲି କହିଛନ୍ତି। ଫିଟ୍ ଇଣ୍ଡିଆ ସାଇକ୍ଲୋଥନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ୮୦ଜଣ ସଦସ୍ୟ ଭାଗ ନେଇଥିଲେ। କାର୍ଯ୍ୟକ୍ରମଟି ସମ୍ପୂର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ ଆୟୋଜିତ କରାଯାଇଥିଲା। ଆଇଆଇଟି ଷ୍ଟୁଡେଣ୍ଟ ଆଫାୟାରସ୍ ଡିନ୍ ପ୍ରଫେସର ଭିଆର ପେଡିରେଡୀ, ରେଜିଷ୍ଟ୍ରାର ଦେବରାଜ ରଥ, ଗେମ ଆଣ୍ଡ୍ ସ୍ପୋର୍ଟସର ଆଡ୍‌ଭାଇଜର ତଥା ଫାକଲ୍ଟି ଷ୍ଟୁଡେଣ୍ଟ ଜିମଖାନା ଡ.ଅଲିଭ ରାଏ, ଇଏଏ କୋର୍ଡିନେଟର ଶ୍ରୀକାନ୍ତ ଗୋଲାପୁଡି ଉପସ୍ଥିତ ରହିଥିବା ବେଳେ ଡ.ସଙ୍କର୍ଷଣ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।